# କିଏସେ ପିଲାଟି ବିଦ୍ୟାଧର ?

ରାଧାମୋହନ ଗଡ଼ନାୟକ

କିଏ ସେ ପିଲାଟି ସନ୍ଧ୍ୟାରେ ବସି ରାସ୍ତାକଡ଼େ
ନିଛାଟିଆ ସେଇ ବତୀଖୁଣ୍ଟର ଆଲୁଅ ତଳେ,
ବହିଧରି ତା'ର ପାଠ ପଢୁଅଛି
ଖାତାଧରି ତା'ର ଟିପା ଟିପୁଅଛି, ନିଷ୍ଠାଭରେ ?
ପଢ଼ାସାଥୀ ତା'ର ବଡ଼ ଘର ପିଲା
ଯାଉଥିଲା କାହିଁ, ତାହାକୁ ଭେଟି,
ଧୀରେ ପଚାରିଲା, "ଈଶ୍ୱର ଭାଇ,
ତୁମ ପାଠ ତୁମେ ପଢୁଚ ଏଠି ?"
ତୁମ ଭଳି ମୋର ସୁବିଧା ନାହିଁ ତ
ବାପା ମାଆ ମୋର ଗରିବ ଭାରି
ତେଲ ନାଲ୍‌ଷ୍ଟିନ୍ ପାଇବି କେଉଁଠୁ ?
ଘରଠି ପଢ଼ିବି ଆଲୁଅ ଜାଳି ।
ସେଇଥି ସକାଶେ ଜୀବନରେ ମୋର
ଖୋଜି ନେଇଅଛି ଏଇ ମୋ' ବାଟ,
ନିତି ନିତି ଏଇ ଆଲୁଅରେ ବସି
ପଢୁଅଛି ମୁହିଁ ମୋହର ପାଠ ।"





"ତଥାପି ଆମର ବିଦ୍ୟାଶାଳାରେ
ଶ୍ରେଣୀରେ ପ୍ରଥମ ହେଉଚ ତୁମେ,
ଚାଟ ମହଲରେ ନାଆଁ କରୁଅଛ
ଆହୁରି ଅନେକ ଅନେକ ଗୁଣେ ।
ମୋର ସାଥିରେ ଆସ ସାଥି ହୋଇ
ପଢ଼ିବା ଏକାଠି ଆମରି ଘରେ,
ସୁବିଧାରେ ଆମେ ପଢ଼ିବା ସେଇଠି
ନିରୋଳାରେ ଅତି ଶାନ୍ତି ଭରେ ।"
"ସ୍ୱାଧୀନ ହୋଇତ ପଢୁଚି ଏଇଠି,
ଅସୁବିଧା କିଛି ହେଉନି ମୋର,
ହୃଦୟ ତୁମର ବୁଝି ପାରୁଅଛି
କରି ପାରୁନାହିଁ ତୁମର ବୋଲ ।"
"ମୁଁ ତେବେ ଯାଉଚି ପଢୁଥାଅ ତୁମେ ।"
କହି ଚାଲିଗଲା ପଢ଼ାର ସାଥୀ,
ଈଶ୍ୱର ତହୁଁ ପଢ଼ିଲା ତା' ପାଠ
ହୋଇଗଲା ସେଠି ବହୁତ ରାତି ।
କିଏ ସେ ପିଲାଟି ବିଦ୍ୟା ସାଧୁଚି ?
କିଏ ସେ ପିଲାଟି ବିଦ୍ୟାଧର ?
ଜୀବନରେ ହେଲା ବିଦ୍ୟାସାଗର
ଜଗତରେ ହେଲା ଯୋଗ୍ୟବର ।